# ଜିଲ୍ଲା ସ୍ତରୀୟ ୭୫ତମ ସ୍ୱାଧିନତା ଦିବସ ପାଳିତ

Celebration of District level 75th Independence Day.

ଅନୁଗୋଳ ୧୬.୮ :- ଜିଲ୍ଲା ସ୍ତରୀୟ ୭୫ ତମ ସ୍ୱାଧିନତା ଦିବସ ସମାରୋହ ଗତକାଲି ଅନୁଗୋଳରେ ପାଳିତ ହୋଇଯାଇଛି । ଅନୁଗୋଳ ଷ୍ଟାଡିୟମ ଠାରେ ଆୟୋଜିତ ଉତ୍ସବରେ ଓଡିଶାର ମାନ୍ୟବର ପର୍ଯ୍ୟଟନ,ଓଡିଆ ଭାଷା,ସାହିତ୍ୟ ଓ ସଂସ୍କୃତି ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ) ଶ୍ରୀଯୁକ୍ତ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ନିର୍ଦ୍ଧାରିତ ସମୟ ସକାଳ ୯ଘଟିକା ୧୫ ମିନିଟ୍‌ରେ ଜାତୀୟ ପତାକା ଉତ୍ତୋଳନ କରି ଅଭିଭାଷଣ ପ୍ରଦାନ କରିଥିଲେ । ଭାରତର ସ୍ୱାଧିନତା ସଂଗ୍ରାମୀ ତଥା ଏ ମାଟିର ବରପୁତ୍ରମାନଙ୍କ ନିଷ୍ଠା ଓ ତ୍ୟାଗପୂତ ବଳିଦାନ ପାଇଁ ସେମାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ଅନୁଗୋଳର ପବିତ୍ର ମାଟି ସଂଗ୍ରାମର ମାଟି । ବିଶିଷ୍ଟ ଜନନାୟକ ପବିତ୍ର ମୋହନ ପ୍ରଧାନଂକ ନେତୃତ୍ୱରେ ସଂଗଠିତ ପ୍ରଜାମଣ୍ଡଳ ଆନ୍ଦୋଳନ ଏବଂ ଗଡଜାତ ମିଶ୍ରଣରେ ଅନୁଗୋଳବାସୀଂକ ସକ୍ରିୟ ସହଯୋଗ ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ । ମହାନ ସର୍ବୋଦୟ ନେତା, ତ୍ୟାଗ ଓ ସେବାର ମୂର୍ତ୍ତିମନ୍ତ ପ୍ରତୀକ ନବକୃଷ୍ଣ ଚୌଧୁରୀ ଓ ତାଂକର ସହଧର୍ମିଣୀ ମାଳତୀ ଦେବୀ ଅନୁଗୋଳକୁ ନିଜର କର୍ମଭୂମୀ ଭାବରେ ଆଦରି ନେଇ ଏ ମାଟିକୁ ଗୌରବାନ୍ୱିତ କରିଛନ୍ତି । ଏହି ମାଟିର ସ୍ୱାଧିନଚେତା ସ୍ୱାଭିମାନୀ ରାଜା ସୋମନାଥ ସିଂହ ଜଗଦେବ ବ୍ରିଟିଶର ଅନ୍ୟାୟ ବିରୁଦ୍ଧରେ ସଂଗ୍ରାମ କରି ରାଜଗାଦି ହରାଇବା ପରେ ମଧ୍ୟ ବଶ୍ୟତା ସ୍ୱିକାର କରିନଥିଲେ । ଅନୁଗୋଳର ସତ୍ୟାଗ୍ରହୀ ରତ୍ନାକର ନାୟକ,ରସାନନ୍ଦ ବେହେରା,ହୃଷୀକେଷ ତ୍ରିପାଠୀ,କବି ରାଧାମୋହନ ଗଡନାୟକ, ଗିରିଜା ଭୂଷଣ ଦତ୍ତ ,ଆନନ୍ଦ ଚନ୍ଦ୍ର ପ୍ରଧାନ,ଡ. କୃପାସିନ୍ଧୁ ଭୋକ୍ତା ପ୍ରମୁଖ ପ୍ରାତଃ ସ୍ମରଣୀୟ । ମହାନ ତପସ୍ୱୀ ନବକୃଷ୍ଣ ଚୌଧୁରୀ ଏବଂ ମାଳତୀ ଦେବୀଂକ ଉଦ୍ଦେଶ୍ୟରେ ମନ୍ତ୍ରୀ ଭକ୍ତିପୂତ ପ୍ରଣାମ ଜଣାଇଛନ୍ତି । ଆମ ରାଜ୍ୟରେ ବିକାଶ ଯାତ୍ରା ଅବ୍ୟାହତ ରହିଛି । ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ବଳିଷ୍ଠ ନେତୃତ୍ୱରେ ପ୍ରାୟ ଦୁଇ ଦଶନ୍ଧି ଧରି ଆମ ରାଜ୍ୟରେ ଏକ ସ୍ଥିର ଓ ଦୃଢ ସରକାର ରାଜ୍ୟବାସୀଂକ ପାଇଁ ବିଭିନ୍ନ ଜନକଲ୍ୟାଣ ମୂଳକ କାର୍ଯ୍ୟକ୍ରମର ସଫଳ ରୂପାୟନ ନିମନ୍ତେ ନିରନ୍ତର କାର୍ଯ୍ୟ କରୁଛି । ରାଜ୍ୟରେ ଏପର୍ଯ୍ୟନ୍ତ ୧.୭କୋଟିରୁ ଊର୍ଦ୍ଧ୍ୱ ବ୍ୟକ୍ତି ସଫଳତାର ସହ ଟୀକା ନେଇ ସାରିଲେଣି । ସେହିପରି ୩୦ ଟି ଜିଲ୍ଲାରେ ମେଡିକାଲ ଅକ୍ସିଜେନ୍ ପ୍ଲାଣ୍ଟ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି ବୋଲି ମୁଖ୍ୟ ଅତିଥି ପ୍ରକାଶ କରିଥିଲେ । ବାପା,ମାଆ କିମ୍ବା ପରିବାରର ମୁଖ୍ୟ

ରୋଜଗାରକ୍ଷମଙ୍କୁ ହରାଇଥିବା ପିଲାମାନଂକ ଶିକ୍ଷା, ଭରଣପୋଷଣ, ଉଜ୍ଜ୍ୱଳ ଭବିଷ୍ୟତ ଦେବା ଲକ୍ଷ୍ୟରେ ମୁଖ୍ୟମନ୍ତ୍ରୀଙ୍କ କର୍ମତତ୍ପର ଅଭିଯାନ ଯୋଜନା "ମୁ କ୍ତା " କାର୍ଯ୍ୟକାରୀ ହୋଇଛି । ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନାରେ ବରିଷ୍ଠ କଳାକାରମାନଂକୁ ଆଗୁଆ ସହାୟତା ପ୍ରଦାନ କରାଯାଇଛି । ଓଡିଆ ଭାଷା ଓ ଓଡିଶୀ ନୃତ୍ୟ ଶାସ୍ତ୍ରୀୟ ମାନ୍ୟତା ପାଇଥିବା ବେଳେ ଓଡିଶୀ ସଂଗୀତର ଶାସ୍ତ୍ରୀୟ ମାନ୍ୟତା ପାଇଁ ଅଭିଯାନ ଜାରି ରହିଛି ବୋଲି ସେ ପ୍ରକାଶ କରିଥିଲେ । ରାଜ୍ୟରେ କ୍ରୀଡାବିତ ମାନଂକୁ ଉନ୍ନତମାନର କ୍ରୀଡା ଭିତ୍ତିଭୂମି ଯୋଗାଇଦେବାପାଇଁ ୬୯୩ କୋଟି ଟଂକା ବିନିଯୋଗରେ ୮୯ଟି ସହରରେ ବିଜୁ ପଟ୍ଟନାୟକ ଇନଡୋର ଷ୍ଟାଡିୟମ୍ ନିର୍ମାଣ ହେବାକୁ ଯାଉଛି । ସାଂସ୍କୃତିକ,ଅର୍ଥନୈତିକ ବିକାଶଧାରାକୁ ଅନୁଗୋଳ ଜିଲ୍ଲାର ଅବଦାନ ଅତୁଳନୀୟ । ଏ ଜିଲ୍ଲାର ଶିଳ୍ପ ସମୃଦ୍ଧି,ସବୁଜିମା,ଖଣିଜ ସମ୍ପଦ,ପର୍ଯ୍ୟଟନ ଆମ ରାଜ୍ୟର ବିକାଶକୁ ଉତ୍ସାହିତ କରିଆସିଛି ବୋଲି ମନ୍ତ୍ରୀ ତାଂକ ବକ୍ତବ୍ୟରେ ପ୍ରକାଶ କରିଥିଲେ । କଳାହୀରାର ମାଟି ତାଳଚେର ସମଗ୍ର ଦେଶରେ ବିଖ୍ୟାତ । ତାଳଚେରର ତାପଜ ବିଦ୍ୟୁତ୍ କେନ୍ଦ୍ର , ଭାରିଜଳ ପ୍ରକଳ୍ପ ଆଦି ଲାଭକାରୀ ସଂସ୍ଥାଗୁଡିକ ଜିଲ୍ଲାର ସୁନାମ ବୃଦ୍ଧି କରିପାରିଛନ୍ତି ବୋଲି ମୁଖ୍ୟ ଅତିଥି କହିଥିଲେ । ସ୍ୱାଧିନତା ଦିବସ ପାଳନ ଅବସରରେ ଗତ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା,ସି.ବି.ଏସ.ଇ ଓ ଆଇ.ସି.ଏସ.ଇ ଦଶମ ଶ୍ରେଣୀ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରଛାତ୍ରୀ ମାନଂକୁ ପତଂଜଳି ଯୋଗ ସମିତି, ଅନୁଗୋଳ ଜିଲ୍ଲା ବିକାଶ ପରିଷଦ, ଅନୁଗୋଳ ପୌର ପାଳିକାର ପୂର୍ବତନ ନଗରପାଳିକା ଶ୍ରୀମତୀ ସୁକାନ୍ତି ଦାସ ,ଲିଟିଲ ହାର୍ଟ ଟଡଲର୍ସ ଏକାଡେମୀ, ଟ୍ରକ ମାଲିକ ସଂଘ ଓ ଜିଲ୍ଲା ପ୍ରଶାସନ ଦ୍ୱାରା ପୁରସ୍କୃତ କରାଯାଇଥିଲା । ମହାମାରୀ କରୋନାର ବିଭିଷିକାମୟ ପରିବେଶରେ ଉତ୍ସର୍ଗୀକୃତ ସେବା ମନୋଭାବ ନେଇ ସାହସିକତାର ସହ କାର୍ଯ୍ୟକରିଥିବାରୁ ଡାକ୍ତର, ନର୍ସ,ପାରାମେଡିକାଲ ଷ୍ଟାଫ,ପୋଲିସ, ସଫେଇ କର୍ମଚାରୀ ମାନଙ୍କୁ ସ୍ୱାଧିନତା ଦିବସ ପାଳନ ସମାରୋହ ଅବସରରେ ସମ୍ମାନୀତ କରାଯାଇଥିଲା । ଚଳିତ ବର୍ଷ କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ସରକାରଂକ କୋଭିଡ ନିୟମାବଳୀ ଆଧାରରେ ସ୍ୱାଧିନତା ଦିବସର ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ହୋମ ଗାର୍ଡ ତରଫରୁ ଏକ ପ୍ଲାଟୁନ୍, ଜିଲ୍ଲା ପୋଲିସ ତରଫରୁ ଗୋଟିଏ ପ୍ଲାଟୁନ ଓ ଗୋଟିଏ ବ୍ୟାଣ୍ଡ୍ ପାର୍ଟି ପଡିଆରେ

ଜାତୀୟ ପତାକା ଉତ୍ତୋଳନ ସମୟରେ ଜାତୀୟ ସଙ୍ଗୀତ ପରିବେଷଣ କରିବା ସହ ଜାତୀୟ ପତାକାକୁ ଅଭିବାଦନ ଜଣାଇଥିଲେ । ଉତ୍ସବ ସ୍ଥଳକୁ ନିମନ୍ତ୍ରିତ ଅତିଥିମାନେ ନିଜ ମଧ୍ୟରେ ସାମାଜିକ ଦୂରତା ବଜାୟ ରଖିବା ସହ ମାସ୍କ ପିନ୍ଧି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ପ୍ରତ୍ୟୁଷରୁ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ତରଫରୁ ଡାକବାଜି ଯନ୍ତ୍ରଦ୍ୱାରା ରାମଧୂନ ବଜାଯାଇ ସହର ପରିକ୍ରମା କରାଯାଇଥିଲା । ଜିଲ୍ଲାପାଳ ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଜାତିର ଜନକ ମହାତ୍ମାଗାନ୍ଧୀ ଓ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ଜିଲ୍ଲା କାର୍ଯ୍ୟାଳୟ ସମେତ ଅନୁଗୋଳ ଉପଜିଲ୍ଲାପାଳ,ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଓ ଅନୁଗୋଳ ପୌରପାଳିକା କାର୍ଯ୍ୟାଳୟ ପରିସରରେ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ସ୍ୱାଧିନତା ଦିବସର ବିଭିନ୍ନ କାର୍ଯ୍ୟକ୍ରମରେ ଜିଲ୍ଲାପାଳଂକ ସମେତ ଆରକ୍ଷୀ ଅଧିକ୍ଷକ ଶ୍ରୀ ଜଗମୋହନ ମୀନା ଯୋଗ ଦେଇଥିଲେ । ଏହାଛଡା ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ତପନ କୁମାର ଶତପଥି,ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ସନ୍ତୋଷ କୁମାର ପ୍ରଧାନ , ଅତିରିକ୍ତ ଜିଲ୍ଲାପାଳ (ତାଳଚେର) ଶ୍ରୀ ରଜନୀ କାନ୍ତ ସ୍ୱାଇଁ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଦିଲ୍ଲିପ କୁମାର ସାହୁ, ଉପଜିଲ୍ଲାପାଳ ଶ୍ରୀ ବାସୁଦେବ ଶତପଥିଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ,ବୁଦ୍ଧିଜିବୀ ଓ ଗଣମାଧ୍ୟମର ପ୍ରତିନିଧିମାନେ ଯୋଗ ଦେଇଥିଲେ । ଶ୍ରୀ ସୁଶାନ୍ତ କୁମାର ସାହୁ ରିଜର୍ଭ ଇନ୍ସପେକ୍ଟର ପୋଲିସ ପ୍ଲାଟୁନ ଓ ବ୍ୟାଣ୍ଡପାର୍ଟିର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ଦଃଖବନ୍ଧୁ ମାଝୀ ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ କାର୍ଯ୍ୟାଳୟର କର୍ମଚାରୀମାନେ ଆବଶ୍ୟକ ସହଯୋଗ କରିଥିଲେ । ପ୍ରତ୍ୟୁଷା ଅମାନ୍ତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

**ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ,ଅନୁଗୋଳ ।**

ଜ୍ଞାପକ ସଂଖ୍ୟା. ୫୭୫ ତା.୧୬.୮.୨୦୨୧

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଅନୁଗୋଳ